


■ଆଜି ଅନୁଗୋଳ ଜିଲାରେ ମତଦାନ

# ୪୨ ପ୍ରାର୍ଥୀଙ୍କ ହେବ ଭାଗ୍ୟ ନିର୍ଦ୍ଧାରଣ

ଅନୁଗୋଳ ଅଫିସ, ୨୨।୪

■ଭୋଟରଙ୍କ ଅପେକ୍ଷାରେ ୧୧୬୩ ବୁଥ୍
■ମତଦାତାଙ୍କ ସଂଖ୍ୟା ୯ ଲକ୍ଷ ୭୪ ହଜାର ୯୫୧
■ମାଓ ପ୍ରବଣ ୨୭ ବୁଥ୍‌ରେ କଡ଼ା ସୁରକ୍ଷା

ଅନୁଗୋଳ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ମତଦାନ ଅନୁଷ୍ଠିତ ହେବ। ମୋଟ୍ ୯ ଲକ୍ଷ ୭୪ ହଜାର ୯୫୧ ଜଣ ଭୋଟର ୪୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ଜିଲାର ୧୧୬୩ ବୁଥ୍‌କୁ ପ୍ରସ୍ତୁତ ରଖାଯାଇଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ଚଳିତଥର ଜିଲାରେ ୫ଟି ପିଙ୍କ୍ ଓ ୧୨ଟି ମଡେଲ ବୁଥ୍ କରାଯାଇଥିବା ବେଳେ ମାଓପ୍ରବଣ ୨୭ ଭୋଟଗ୍ରହଣ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

ଜିଲାର ପାଲଲହଡ଼ା, ଆଠମଲ୍ଲିକ ଓ ଅନୁଗୋଳ ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହେବ। ସେହିପରି ତାଳଚେର ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ମତଦାନ ଚାଲିବ। ରବିବାର ରାତି ୮ଟା ସୁଦ୍ଧା ଜିଲାର ୯୨୬ ବୁଥ୍‌ରେ ଓ ସୋମବାର ମଧ୍ୟାହ୍ନ ସୁଦ୍ଧା ଅବଶିଷ୍ଟ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ଜିଲାର ୫ ବିଧାନସଭା ଆସନ ପାଇଁ ମୋଟ୍ ୪୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୯ ଲକ୍ଷ ୭୪ ହଜାର ୯୫୧ ଜଣ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏହି ନିର୍ବାଚନକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପାଲଲହଡ଼ାର ମହତାବ ହାଇସ୍କୁଲ, ତାଳଚେର ମ୍ୟୁନିସିପାଲିଟି ହାଇସ୍କୁଲ, ବଣ୍ଡରପାଳ ସେବାଶ୍ରମ, ଛେଣ୍ଡିପଦାର ଡେଣ୍ଟୁଲେଇ ସେବାଶ୍ରମ ଓ ଆଠମଲ୍ଲିକର ବାଳିକା ୟୁପି ବିଦ୍ୟାଳୟରେ ପିଙ୍କ୍ ବୁଥ୍ କରାଯାଇଛି। ଏହାକୁ ମହିଳାମାନେ ପରିଚାଳନା କରିବେ। ସେହିପରି ଜିଲାରେ ୧୨ଟି ମଡେଲ ବୁଥ୍ କରାଯାଇଛି। ସେଥିରୁ ପାଲଲହଡ଼ାରେ ୨ଟି, ତାଳଚେରରେ ଗୋଟିଏ, ଅନୁଗୋଳରେ ୪, ଛେଣ୍ଡିପଦାରେ ୩ ଓ ଆଠମଲ୍ଲିକରେ ୨ଟି ବୁଥ୍ ରହିଛି। ଏହି ବୁଥ୍‌ଗୁଡ଼ିକରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଚା ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଜିଲାର ମୋଟ୍ ୧୧୬୩ ମତଦାନ କେନ୍ଦ୍ର ମଧ୍ୟରୁ ୮୧ଟିରେ ସିସିଟିଭି ଲାଗିଥିବାବେଳେ ୧୭୧ଟି କେନ୍ଦ୍ରରେ ୱେବ କାଷ୍ଟିଂ, ୫୦ଟିରେ ଭିଡିଓଗ୍ରାଫି, ୩୨ କେନ୍ଦ୍ରରେ ଷ୍ଟିଲ ଫଟୋଗ୍ରାଫି ଓ ୧୧୫ଟିରେ ମାଇକ୍ରୋ ଅବଜରଭର ନିୟୋଜିତ ହୋଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ମାଓ ପ୍ରବଣ ଅଞ୍ଚଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଠାରେ ଥିବା ୨୭ଟି ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ସାରିଥିବା ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲାରେ ୨ ପ୍ଲାଟୁନ ବିଏସ୍‌ଏଫ୍, ୪ ପ୍ଲାଟୁନ ସିଆର୍‌ପିଏଫ୍, ୪ ପ୍ଲାଟୁନ ଏସ୍‌ଓଜି ନିୟୋଜିତ ହୋଇଛନ୍ତି। ଗୋଟିଏ ପ୍ଲାଟୁନ ଡିଭିଏଫ୍ ମାଓ ପ୍ରବଣ ଅଞ୍ଚଳରେ ଅପରେଶନ୍ ଜାରି ରଖିଛନ୍ତି। ସୋମବାର ରାତି ଠାରୁ ପୋଲିସ ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ନିଜ ଅକ୍ତିଆରକୁ ନେଇ ବ୍ୟାପକ ଯାଞ୍ଚ ଚଳାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି କିମ୍ବା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ହୋଇ ନାହିଁ ବୋଲି ଏସ୍‌ପି କହିଛନ୍ତି।

# ବ୍ଲକିଂ କରି ଅଧରାତିରେ ଗାଡ଼ି ତଲାସି

ଅନୁଗୋଳ ଅଫିସ, ୨୨।୪

ଭୋଟ୍ ପାଇଁ ଜିଲାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସୋମବାର ରାତିରେ ଅନୁଗୋଳ ସହର ସହ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି। ଦୁଇଚକିଆ ଗାଡ଼ି ଠାରୁ ଚାରିଚକିଆ ଗାଡ଼ି ଓ ଅନ୍ୟାନ୍ୟ ଯାନକୁ ମଧ୍ୟ ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଛି। ଏପରି କି ଏଥିରେ ଯାତାୟାତ କରୁଥିବା ଲୋକମାନଙ୍କ ପରିଚୟ ଓ ଗନ୍ତବ୍ୟସ୍ଥାନ ସମ୍ପର୍କରେ ପୋଲିସ ତଥ୍ୟ ସଂଗ୍ରହ କରୁଛି। ନିର୍ବାଚନ ସମୟ ହୋଇଥିବାରୁ ବେଆଇନ ଟଙ୍କା କାରବାର ରୋକିବା ପାଇଁ ଏପରି ପଦକ୍ଷେପ ନିଆଯାଉଥିବା ପୋଲିସର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।


ଏକ ଗାଡ଼ିକୁ ପୋଲିସ ଯାଞ୍ଚ କରୁଛି।

■ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ମୋଗଲ ତାମ୍‌ସା ଅନ୍ୟତମ ଆକର୍ଷଣ

ତାଳଚେର,୨୨।୪(ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ନବଦିନ ବ୍ୟାପୀ ଯାତ୍ରା ଅବସରରେ ଚାଲିଥିବା ୧୭ତମ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ମୋଗଲ ତାମସା ଅନ୍ୟତମ ଆକର୍ଷଣ ଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଏଆଇଟିୟୁସିର ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଉପ ସାଧାରଣ ସମ୍ପାଦକ ଚତୁର୍ଭୁଜ ଦାସ, ଭାରତୀୟ ମଜଦୁର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମାଝି, ହିନ୍ଦ୍ ମଜଦୁର୍ ସଂଘ ଉପ ସାଧାରଣ ସମ୍ପାଦକ ଅଭୟ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ଜଗନ୍ ମୋହନ ଗଡନାୟକ, ଅରୁଣ କୁମାର ପ୍ରଧାନ, ମୁରଲୀଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରିଦେଇଥିଲେ। ସେହିପରି ଭଦ୍ରକର ବଂଶୀ ବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ମୋଗଲ ତାମସା ମଞ୍ଚସ୍ଥ କରାଯାଇଥିଲା। ଲୁପ୍ତ ଲୋକକଳାକୁ ଅଭିନବ ଢଙ୍ଗରେ ପରିବେଷଣ କରି ଅନୁଷ୍ଠାନର କଳାକାରମାନେ ଦର୍ଶକଙ୍କୁ ଚମତ୍କୃତ କରି ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, କରୁଣାକର ବାଇ, ମୁକୁନ୍ଦ ଶତପଥୀ ଓ ଦୀପଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧୂଳେଶ୍ୱର ବେହେରା, ଲିଙ୍ଗରାଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବଣ୍ଡରପାଳରେ ୧୭୫ ମତଦାନ କେନ୍ଦ୍ର

ବଣ୍ଡରପାଳ, ୨୨।୪(ଡି.ଏନ.ଏ.)

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକରେ ୧୭୫ଟି ମତଦାନ କେନ୍ଦ୍ର ରହିଥିବାବେଳେ ସମସ୍ତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚିଛନ୍ତି। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପାଇଁ ୯୩ ଓ ଅନୁଗୋଳ ନିର୍ବାଚନ ମଣ୍ଡଳୀ ପାଇଁ ୮୨ ମତଦାନ କେନ୍ଦ୍ର ରହିଛି। ସେଥିମଧ୍ୟରେ ୨ଟି ପିଙ୍କ୍ ଓ ଗୋଟିଏ ଆଦର୍ଶ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ବଣ୍ଡରପାଳ ସେବାଶ୍ରମ ଓ ଟେଣ୍ଟୁଲୋଇ ସେବାଶ୍ରମରେ ପିଙ୍କ୍ ମତଦାନ କେନ୍ଦ୍ର ଖୋଲାଯାଇଛି। ଏହି ପିଙ୍କ୍ ବୁଥରେ ମହିଳା ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର, ମହିଳା ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସୋମବାର ଅପରାହ୍ନରେ ଏହି ପିଙ୍କ୍ ବୁଥ୍‌ରେ ମହିଳା କର୍ମଚାରୀମାନେ ପହଞ୍ଚିଛନ୍ତି। ସେହିପରି ତୁରଙ୍ଗ ଠାରେ ଆଦର୍ଶ ମତଦାନ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେଠାରେ ଆଶ୍ରୟସ୍ଥଳୀ, ପାନୀୟଜଳ ସହ ଭିନ୍ନକ୍ଷମ ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବିଡିଓ ସ୍ୱରୂପାନନ୍ଦ ସାହୁଙ୍କ ସୂତ୍ରରୁ ଜଣାପଡ଼ିଛି।

# ରାତିରେ କୋଟି କୋଟି ଟଙ୍କା ବଣ୍ଟା ଚର୍ଚ୍ଚା

ଅନୁଗୋଳ ଅଫିସ, ୨୨।୪

ଅନୁଗୋଳ ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ସନ୍ତୁଷ୍ଟ କରିବାକୁ ରବିବାର ରାତିରେ ରାଜନୈତିକ ଦଳ ପକ୍ଷରୁ କୋଟି କୋଟି ଟଙ୍କା ବଣ୍ଟା ଯାଇଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ କୌଣସି ସ୍ଥାନରେ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ରାତି ଅଧିଆ ଏହି ଟଙ୍କା ବଣ୍ଟା ହୋଇଥିବା ଆଲୋଚନା ହୋଉଛି। କେତେକ ପଞ୍ଚାୟତରେ ଜଣେ ଦୁଇଜଣ ଲେଖାଏ କର୍ମୀ ଘରକୁ ଘର ବୁଲି ଏହି ଟଙ୍କା ବାଣ୍ଟିଥିବା କୁହାଯାଉଛି।

CLASSIFIED DISPLAY


















## ସଂକ୍ଷେପରେ

### ୬୨୩ ଜଣଙ୍କ ବିରୋଧରେ ୱାରେଣ୍ଟ ଜାରି

**ଢେଙ୍କାନାଳ ଅଫିସ, ୨୨।୪:** ଢେଙ୍କାନାଳ ଜିଲାରେ ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ କରିବାକୁ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ନିର୍ବାଚନ ହିଂସା ରୋକିବାକୁ ବିଭିନ୍ନ ଥାନା ଏବଂ ଫାଣ୍ଡିରେ ୧୦୬୬ ଅସ୍ତ୍ର ଜମା ହୋଇଛି। ଦୁଇଟି ବେଆଇନ ଅସ୍ତ୍ର ଜବତ କରାଯାଇଛି। ଫେବୃୟାରୀ ୧ରୁ ଏପ୍ରିଲ ୨୨ ମଧ୍ୟରେ ୬୨୩ ଜଣଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୧୦୭ ଓ ୧୧୦ ସିଆର୍‌ପିସିରେ ୩୨୧, ପିଆର୍ (୬୪)ରେ ୧୪୭୦, ପିଆର୍ (୬୮)ରେ ୬୮ଜଣଙ୍କୁ ଆବଦ୍ଧ କରାଯାଇଛି। ସମସ୍ତ ଉତ୍ତେଜନାପ୍ରବଣ ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଏସ୍‌ଏସ୍‌ଟି ଏବଂ ଏଫ୍‌ଏସ୍‌ଟି ଦ୍ୱାରା ହିନ୍ଦୋଳ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅଶୋକ କୁମାର ନାୟକଙ୍କଠାରୁ ୪ଲକ୍ଷ ଟଙ୍କା ଜବତ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୫୪.୫୬୦ ଲିଟର ବିଦେଶୀ ଏବଂ ୫୫୦.୯୦୦ ଲିଟର ଦେଶୀମଦ ଜବତ ହୋଇଛି। ଏ ସମ୍ପର୍କିତ ୧୬୬ ମାମଲା ରୁଜୁ କରାଯାଇଥିବା ଏସ୍‌ପି ଅନୁପମା ଜେମ୍‌ସ ସୂଚନା ଦେଇଛନ୍ତି।

### ଲେଖିକା ସଂସଦର ସାରସ୍ୱତ ଉତ୍ସବ

**ଢେଙ୍କାନାଳ ଅଫିସ,୨୨।୪:** ଢେଙ୍କାନାଳ ଜିଲା ଲେଖକ ସଂସଦ ସାଣ୍ଡିଲ୍ୟ ଭବନରେ ଓଡ଼ିଶା ଲେଖିକା ସଂସଦ ଶାଖା ପକ୍ଷରୁ ସୋମବାର ମାସିକିଆ ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି। ଶାଖା ଆବାହିକା ସୁକାନ୍ତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସଭ୍ୟାମାନେ କବିତା, ଗଳ୍ପ ଏବଂ ପ୍ରବନ୍ଧ ପାଠ କରିଥିଲେ। ପ୍ରାରମ୍ଭରେ ଡ. ମାନସୀ କର ନାରୀ ଶିକ୍ଷାର ପ୍ରଗତି ଉପରେ ଆଲୋକପାତ କରିଥିଲେ। ସଭ୍ୟା ତଥା ଶିକ୍ଷୟିତ୍ରୀ ମାନସୀ କର ନାରୀ ସଶକ୍ତୀକରଣ ଉପରେ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ପରିବାରରେ ନାରୀ ପ୍ରମୁଖ ଭିତ୍ତିଭୂମି। ସୁଖୀ ପରିବାରରେ ମହିଳାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। କବିତାମୟୀ ସର ଏହାର ତୁଳନାତ୍ମକ ଟିପ୍ପଣୀ ସହ ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବୈଜୟନ୍ତୀ ପଟ୍ଟନାୟକ, ବୀରାଲକ୍ଷ୍ମୀ ରଣା, ଉପମା ସାମଲ, ସଂଯୁକ୍ତା ସରଣ, ସନ୍ଧ୍ୟା ମହାନ୍ତି, ଗୌରୀ ଦେଈ, ସରିତା ପାଟଶାହାଣୀ, ପ୍ରଭାତୀ ମହାପାତ୍ର, ଶୁଭଶ୍ରୀ ରାଉତ, ଦୀପ୍ତିଶ୍ରୀ ସାହୁ, ମମତା ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। ପ୍ରତିମାସ ତୃତୀୟ ରବିବାର ସାରସ୍ୱତ ସମାରୋହ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ବ୍ରାହ୍ମଣୀରେ ବୁଡ଼ି ଛାତ୍ର ମୃତ



**ଓଡ଼ାପଡ଼ା ୨୨।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମଙ୍ଗଳପୁରସ୍ଥିତ ବ୍ରାହ୍ମଣୀ ନଦୀରେ ବୁଡ଼ିଯାଇ ସୋମବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁମୁସିଙ୍ଗା ଥାନା ଅଁଳାବେରେଣୀ ଗ୍ରାମର କ୍ଷୀରୋଦ କୁମାର ନାଥଙ୍କ ଏକମାତ୍ର ପୁଅ ଶୁଭଙ୍କର। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଶୁଭଙ୍କର ଭୁବନେଶ୍ୱରରେ ରହି ମେଡିକାଲ କୋଚିଂ ନେଉଥିଲେ। ସୋମବାର ସେ ମଙ୍ଗଳପୁର ଗ୍ରାମସ୍ଥିତ ତାଙ୍କ ମାମୁ ନିରୋଦ କୁମାର ତ୍ରିପାଠୀଙ୍କ ଘରକୁ ବୁଲି ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସାଙ୍ଗମାନଙ୍କ ସହିତ ବ୍ରାହ୍ମଣୀ ନଦୀକୁ ଗୋଧୋଇବାକୁ ଯାଇଥିବାବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ନଦୀ ସୁଅରେ ପଡ଼ିଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଏକ ଘରୋଇ ନର୍ସିଂ ହୋମ୍‌ରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏକମାତ୍ର ପୁଅକୁ ହରାଇ ପରିବାର ସଦସ୍ୟ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବାବେଳେ ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

---

**ଆଜି ଭୋଟ, ପ୍ରସ୍ତୁତି ଶେଷ**

# ଇଭିଏମ୍‌ରେ ସିଲ୍ ହେବ ୩୯ ପ୍ରାର୍ଥୀଙ୍କ ଭାଗ୍ୟ

**ଢେଙ୍କାନାଳ ଅଫିସ, ୨୨।୪**



ଖବରଦାତା ସମ୍ମିଳନୀରେ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ଅନ୍ୟମାନେ।

- ୧୧୦ ସମ୍ବେଦନଶୀଳ ବୁଥ୍ ଚିହ୍ନଟ
- ୧୮ ପ୍ଲାଟୁନ ସଶସ୍ତ୍ର ଫୋର୍ସ ମୁତୟନ
- ହାତୀ ଚଲାପଥ ଜଗିବେ ବନ କର୍ମଚାରୀ
- ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ସରିଛି ପ୍ରଚାର। ମଇଦାନରେ ଝାଳ ବୁହାଇଛନ୍ତି ନେତା। ଏବେ ଜନତା ଜନାର୍ଦ୍ଦନଙ୍କ ହାତରେ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ। ମଙ୍ଗଳବାର ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ସମେତ ଜିଲାର ୪ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହେବ। ଏହାକୁ ନେଇ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ଏବଂ ଏସ୍‌ପି ଅନୁପମା ଜେମ୍‌ସ ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି।

ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ (୯)ରେ ମୋଟ ୧୫ଲକ୍ଷ ୪ହଜାର ୪୮୬ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ତନ୍ମଧ୍ୟରେ ୭ଲକ୍ଷ ୧୭ହଜାର ୭୨୦ ମହିଳା, ୭ଲକ୍ଷ ୮୩ହଜାର ୧୪୩ ପୁରୁଷ, ୧୧୫ ଅନ୍ୟାନ୍ୟ ଏବଂ ୩,୫୦୮ ଜଣ ସର୍ଭିସ୍ ଭୋଟର ଅଛନ୍ତି। ଢେଙ୍କାନାଳ ଜିଲା ଅଧୀନ ୪ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା ୯ଲକ୍ଷ ୩୭ହଜାର ୬୧୨। ସେଥିରୁ ୪ଲକ୍ଷ ୪୮ହଜାର ୧୩୩ ମହିଳା, ୪ଲକ୍ଷ ୮୬ହଜାର ୬୪୪ ପୁରୁଷ, ୮୦ ଅନ୍ୟାନ୍ୟ ଏବଂ ୨,୭୫୫ ଜଣ ସର୍ଭିସ୍ ଭୋଟର ରହିଛନ୍ତି। ଅନୁଗୋଳ ଜିଲାରେ ମୋଟ ୫ଲକ୍ଷ ୬୬ହଜାର ୮୭୪ ଭୋଟର ରହିଛନ୍ତି ।

ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟଗ୍ରହଣ ହେବ। ଏଥିପୂର୍ବରୁ ମତଦାନ କେନ୍ଦ୍ରରେ ସକାଳ ସାଢ଼େ ୫ଟାରୁ ଦେଢ଼ଘଣ୍ଟା ମକ୍‌ପୋଲ ଅନୁଷ୍ଠିତ ହେବ। ଜିଲାରେ ୧୧୦ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସେଥି ମଧ୍ୟରୁ ଢେଙ୍କାନାଳରେ ୪୦, ହିନ୍ଦୋଳରେ ୧୩, କାମାକ୍ଷାନଗରରେ ୨୫ ଏବଂ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ୩୨ଟି ରହିଛି। ସମ୍ପୃକ୍ତ ବୁଥ୍‌ରେ ସିସିଟିଭି କ୍ୟାମେରା, ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ଢେଙ୍କାନାଳ ବିଧାନସଭା କ୍ଷେତ୍ରର ୧୫ ଏବଂ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ୧୧ବୁଥ୍‌ରେ ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଛି। ଅନିୟମିତତା ରୋକିବାକୁ ୫୫ ମାଇକ୍ରୋ ଅବଜର୍ଭର ଏବଂ ୧୦୪ ସେକ୍ଟର ଅଫିସର ନିୟୋଜିତ ହୋଇଛନ୍ତି।

ଜିଲାରେ ୧୬,୯୯୭ ଦିବ୍ୟାଙ୍ଗ ମତଦାତାଙ୍କୁ ପୋଲିଂ ବୁଥ୍‌କୁ ଆଣିବାକୁ ହ୍ୱିଲଚେୟାର ସମେତ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ହାତୀ ଉପଦ୍ରୁତ ଅଞ୍ଚଳର ଭୋଟରଙ୍କ ସୁରକ୍ଷା ଦୃଷ୍ଟିରୁ ହାତୀ ଚଲାପଥରେ ବନ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ନୂତନ ଭୋଟରଙ୍କୁ ଆକର୍ଷିତ କରିବାକୁ ୪୦ ଆଦର୍ଶ ବୁଥ୍ ହୋଇଛି। ଢେଙ୍କାନାଳ ମ୍ୟୁନିସିପାଲିଟି, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଏନ୍‌ଏସିରେ ଗୋଟିଏ ଲେଖାଏ ପିଙ୍କ୍ ବୁଥ କରାଯାଇଛି। ସେଠାରେ ମହିଳା ପୋଲିଂ କର୍ମଚାରୀ ଦାୟିତ୍ୱ ନିର୍ବାହ କରିବେ। ପିଙ୍କ୍ ବୁଥ୍ ବ୍ୟତୀତ ୨୦୧ ମତଦାନ କେନ୍ଦ୍ରରେ ୫୯୩ ମହିଳା ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜିଲାରେ ମୋଟ ୨୭୨ ମତଦାନ କେନ୍ଦ୍ର ହୋଇଥିବାବେଳେ ନିର୍ବାଚନ କାର୍ଯ୍ୟରେ ୬,୧୨୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରତି ସେକ୍ଟର ଅଫିସରଙ୍କ ନିକଟରେ ୪ ଇଭିଏମ୍, ୬ ଭିଭିପିଏଟି ମେଶିନ ସଂରକ୍ଷିତ ରଖାଯାଇଛି। ମେଶିନରେ ତ୍ରୁଟି ଦେଖାଦେଲେ ତୁରନ୍ତ ପରିବର୍ତ୍ତନ କରାଯିବ। ବୁଥ୍‌ରେ ର୍‍ୟାମ୍ପ, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍, ସହାୟତା ଡେସ୍କ, ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି।

ଭୋଟ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପ୍ରମୁଖ ପ୍ରସଙ୍ଗ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶରୁ ପାରା ମିଲିଟାରି ଫୋର୍ସ ଅଣାଯାଇଛି। ଅର୍ଦ୍ଧ ସାମରିକ ବଳ, ଓଏସ୍‌ଏପି ଫୋର୍ସ ସମେତ ମୋଟ ୧୮ ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି। ଏହାକୁବାଦ୍‌ଦେଲେ ୨ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୯ ଇନ୍ସପେକ୍ଟର, ୯୫ ଏସ୍‌ଆଇ ଏବଂ ଏଏସ୍‌ଆଇ, ୪୧ ହାବିଲଦାର, ୪୩୨ କନଷ୍ଟେବଳ, ୩୨୧ ହୋମ୍‌ଗାର୍ଡ ଆଇନଶୃଙ୍ଖଳା ଜଗିବେ।

ଜିଲାସ୍ତରୀୟ ନିୟନ୍ତ୍ରଣ କକ୍ଷରେ ଢେଙ୍କାନାଳ ବିଧାନସଭା ପାଇଁ ୦୬୭୬୨-୨୨୪୪୦୭, ହିନ୍ଦୋଳ ପାଇଁ ୦୬୭୬୨-୨୨୪୪୦୩, କାମାକ୍ଷାନଗର ପାଇଁ ୦୬୭୬୨-୨୨୭୦୫୫ ଏବଂ ପରଜଙ୍ଗ ବିଧାନସଭା ପାଇଁ ୦୬୭୬୨-୨୨୬୫୦୩ ଟେଲିଫୋନ ନମ୍ବର କାର୍ଯ୍ୟ କରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ରଶ୍ମିରେଖା ସ୍ୱାଇଁ, ସହକାରୀ ଜିଲାପାଳ (ନିର୍ବାଚନ) ଭଜନାନନ୍ଦ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଢେଙ୍କାନାଳ ଲୋକ ସଭା ଲାଗି ୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଢେଙ୍କାନାଳ ବିଧାନସଭା ଆସନରୁ ୧୧, ହିନ୍ଦୋଳ ସଂରକ୍ଷିତ ବିଧାନସଭା ଆସନରୁ ୬, କାମାକ୍ଷାନଗର ବିଧାନସଭା ଆସନରୁ ୭ ଏବଂ ପରଜଙ୍ଗ ବିଧାନସଭା ଆସନରୁ ୬ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

---

**ନାବାଳିକା ବଳାତ୍କାର ମାମଲା**

## ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୨୨।୪**

ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଞ୍ଚଳର ନାବାଳିକା (୧୫ବର୍ଷ) ଅପହରଣ ଏବଂ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ରାଜକିଶୋର ମହାପାତ୍ର ଘଟଣାର ଅଭିଯୁକ୍ତ ସିଦ୍ଧେଶ୍ୱର ମହାରଣା (୩୪)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ଅଦାଲତ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାଁ ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆବୋଲ ଗ୍ରାମର ସିଦ୍ଧେଶ୍ୱର ମହାରଣା ୨୦୧୫ ଜୁନ୍ ୧୧ରେ ସମ୍ପର୍କୀୟଙ୍କ ଘରକୁ ଆସିଥିବାବେଳେ ବିବାହର ପ୍ରଲୋଭନ ଦେଖାଇ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ଏ ନେଇ ଜୁନ୍ ୧୩ରେ ଅଭିଯୋଗ ପରେ ନଂ.୪୧/୧୫, ଦଫା-୩୬୩, ୩୪୨, ୩୭୬, (୨), (ଏଫ୍) (ଏନ୍), ୫୦୬, ୩୪ ଓ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ପୀଡ଼ିତାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ସିଟି ସ୍ପେଶାଲ କେସ୍ ନଂ. ୧୫/୧୫ର ବିଚାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

---

**ଉଚ୍ଚତାକୁ ନେଇ ଚର୍ଚ୍ଚାରେ ସିଦ୍ଧାନ୍ତ**

## ପ୍ରଥମ ଥର ଭୋଟଦେବେ



ସିଦ୍ଧାନ୍ତ ସାହୁ।

**ଢେଙ୍କାନାଳ ଅଫିସ, ୨୨।୪**

ବୟସ ୨୦। ଉଚ୍ଚତା ମାତ୍ର ଅଢ଼େଇ ଫୁଟ। ଏପରି ଶାରୀରିକ ଗଠନକୁ ନେଇ ଚର୍ଚ୍ଚିତ ସିଦ୍ଧାନ୍ତ ସାହୁ ସାଜିଛନ୍ତି ଢେଙ୍କାନାଳ ଜିଲାର ସବୁଠାରୁ କମ୍ ଉଚ୍ଚତାଧାରୀ ମତଦାତା। ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇଥିବାରୁ ସିଦ୍ଧାନ୍ତଙ୍କ ଖୁସି କହିଲେ ନ ସରେ। ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କନ୍ତୋର ଗ୍ରାମର ନିମାଇଁ ସାହୁଙ୍କ ଦ୍ୱିତୀୟ ପୁତ୍ର ହେଉଛନ୍ତି ସିଦ୍ଧାନ୍ତ। ବୟସ ଅନୁପାତରେ କମ୍ ଉଚ୍ଚତା ଯୋଗୁ ସେ ଅଞ୍ଚଳରେ ଜଣେ ଚର୍ଚ୍ଚିତ ଚେହେରା। ପ୍ରଥମ ଥର ଭୋଟଦାନ ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ସିଦ୍ଧାନ୍ତ ନିଜକୁ ଗର୍ବିତ ମନେକରିଛନ୍ତି।

ଏ ନେଇ ସେ ପ୍ରତିକ୍ରିୟାରେ କୁହନ୍ତି, ଭାରତୀୟ ସମ୍ବିଧାନରେ ମତଦାନ ରାଜନୈତିକ ଅଧିକାର। ପ୍ରଥମ କରି ଏହି ଅଧିକାର ପାଇଥିବାରୁ ଗର୍ବ ଅନୁଭବ କରୁଛି। ଏବେ ଇଭିଏମ୍‌ରେ ଭୋଟ ହେଉଛି। ଏପରି କି ମତଦାନକୁ ଅଧିକ ସ୍ୱଚ୍ଛ କରିବାକୁ ଭିଭିପିଏଟି ବ୍ୟବସ୍ଥା କରାଯାଇଛି। ବୁଥ୍‌ରେ ଅନେକ ସୁବିଧା ସୁଯୋଗ ମଧ୍ୟ ମିଳୁଛି। ଆଙ୍ଗୁଠିରେ କାଳି ଲଗାଇ କେତେବେଳେ ଇଭିଏମ୍‌ରେ ସୁଇଚ୍ ଟିପିବେ ସେହି ସମୟକୁ ଅପେକ୍ଷା କରିଥିବା ସେ କହିଛନ୍ତି। ସିଦ୍ଧାନ୍ତ ମାଟ୍ରିକ ପାସ୍ କରିଛନ୍ତି। ବିଭିନ୍ନ ସମସ୍ୟା କାରଣରୁ ସେ ପାଠପଢ଼ା ଛାଡ଼ିଦେଇଛନ୍ତି। ତଥାପି ମତଦାନକୁ ନେଇ ସେ ଉତ୍ସାହିତ ଥିବା କହିଛନ୍ତି।

---

## ମଦ ଜବତ, ୩ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ/ ତାଳଚେର, ୨୨।୪**

ଢେଙ୍କାନାଳ ସଦର ଥାନା କାଇମାଟି ପଞ୍ଚାୟତ କାଇଁଶ ଗ୍ରାମରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ ହଜାର ପ୍ୟାକେଟ ଦେଶୀ ମଦ ଜବତ କରାଯାଇଛି। ଏହାର ଆନୁମାନିକ ପରିମାଣ ୧୦୦୦ ଲିଟର ହେବ। ଏପରି ବେଆଇନ କାରବାରରେ ସମ୍ପୃକ୍ତି ଅଭିଯୋଗରେ ବିଶ୍ୱଜିତ୍ ସାହୁ (୨୮) ଏବଂ ବିଜୟ କୁମାର ସାହୁ (୪୪)ଙ୍କୁ ଗିରଫ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ବିଭାଗ, କଟକ ଫ୍ଲାଇଂ ସ୍କ୍ୱାଡ୍ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

ସେହିପରି ଅବକାରୀ ବିଭାଗ ପକ୍ଷରୁ ସୋମବାର ତାଳଚେର ସ୍ଥିତ ବଲଣ୍ଡାରେ ଥିବା ସୁବାସ ଢାବାରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୩୦ ହଜାର ୭୮୨ ଲିଟର ମଦ ଜବତ କରାଯିବା ସହ ଢାବା ମାଲିକ ସୁବାସ ବରାଡ଼ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅବକାରୀ ଉପନିରୀକ୍ଷକ ହରିହର ସିଂହ, ରମେଶ ବେହେରା, ବଳବୀର ଗଡନାୟକ ଓ ଅନ୍ୟମାନେ ଚଢ଼ାଉରେ ସାମିଲ ହୋଇଥିଲେ।

---

**କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଅସୁରକ୍ଷିତ**

## କ୍ୟାବିନ ଛାତରୁ ଖସିଲା ଫ୍ୟାନ୍

**କାମାକ୍ଷାନଗର, ୨୨।୪(ଡି.ଏନ୍.ଏ.)**



- ନବଜାତ ଶିଶୁକନ୍ୟା, ପ୍ରସୂତି ସୁରକ୍ଷିତ
- ସପ୍ତାହେ ତଳେ ଘଟିଥିଲା ଅଗ୍ନିକାଣ୍ଡ
- ରୋଗୀ ମହଲରେ ତୀବ୍ର ଅସନ୍ତୋଷ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। କେତେବେଳେ ବୈଦ୍ୟୁତିକ ଉପକରଣରେ ଶର୍ଟସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟୁଛି ତ ଆଉ କେତେବେଳେ ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ରୋଗୀ ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। ରବିବାର ବିଳମ୍ବିତ ରାତିରେ ପ୍ରସୂତି କ୍ୟାବିନରେ ଶିଲିଂ ଫ୍ୟାନ୍ ଛିଣ୍ଡିପଡ଼ିବା ପରେ ରୋଗୀଙ୍କ ସୁରକ୍ଷାକୁ ନେଇ ପୁଣି ଉଠିଛି ପ୍ରଶ୍ନ।

ମିଳିଥିବା ସୂଚନା ଅନୁଯାୟୀ, କଙ୍କଡାହାଡ଼ ବ୍ଲକ ବାଟଗାଁର ବାବାଜୀ ଚନ୍ଦ୍ର ବରାଳଙ୍କ ସ୍ତ୍ରୀ ସୁଭାସିନୀ ଶନିବାର କାମାକ୍ଷାନଗର ମେଡିକାଲରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ନବଜାତକ ଏବଂ ମା'ଙ୍କୁ ୧ନଂ. କ୍ୟାବିନ୍‌ରେ ରଖାଯାଇଥିଲା। ରବିବାର ରାତି ପ୍ରାୟ ୧ଟାରେ କ୍ୟାବିନ୍‌ରେ ଲାଗିଥିବା ଫ୍ୟାନ ଛିଣ୍ଡି ପ୍ରସୂତି ମହିଳା ଏବଂ ଶିଶୁକନ୍ୟା ଥିବା ବେଡ୍‌ଠାରୁ ଅନତି ଦୂରରେ ପଡ଼ିଥିଲା। ମହିଳାଙ୍କ ନିକଟରେ ତାଙ୍କ ଶାଶୁ ଚିତ୍ରକଳା ବରାଳ ମଧ୍ୟ ଶୋଇଥିଲେ। ତେବେ ସମସ୍ତେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୫ରେ କାମାକ୍ଷାନଗର ଚିକିତ୍ସାଳୟରେ ବିଦ୍ୟୁତ୍ ଶର୍ଟସର୍କିଟରୁ ଇଲେକ୍ଟ୍ରି ପ୍ୟାନେଲ ବୋର୍ଡରେ ନିଆଁ ଲାଗିଯାଇଥିଲା। ନିଆଁରେ ବୈଦ୍ୟୁତିକ ଉପକରଣ କ୍ଷତି ହେବା ଯୋଗୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଅସହ୍ୟ ଗରମରେ ରୋଗୀମାନେ ସନ୍ତୁଳି ହୋଇଥିଲେ। ଅଗ୍ନିକାଣ୍ଡରେ ବିଶେଷ କ୍ଷତି ହୋଇ ନ ଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ସୋମବାର ଘଟଣା ପରେ ରୋଗୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏ ନେଇ ଉପଖଣ୍ଡ ଚିକିତ୍ସାଧିକାରୀ ରତ୍ନାକର ସାମଲ କୁହନ୍ତି, ଫ୍ୟାନ୍ ପାଇପ ଛିଣ୍ଡିପଡ଼ିବା ଘଟଣା ସତ। ଏଥିରେ ସୌଭାଗ୍ୟବଶତଃ କାହାରି କୌଣସି ସମସ୍ୟା ହୋଇନାହିଁ। ତୁରନ୍ତ ଏହାକୁ ମରାମତି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

---

## ମାଓ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା



**ପାଲଲହଡ଼ା, ୨୨।୪(ଡି.ଏନ.ଏ.)**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ୯ଟି ବୁଥ୍‌କୁ ଅତି ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର ମାଓ ଅଞ୍ଚଳ ଭାବେ ପରିଚିତ ନଗିରା ପଞ୍ଚାୟତର ୯, ୫, ୪, ୬ ଏବଂ ବରଡିହ ପଞ୍ଚାୟତର ୧, ୨, ୩, ୭ ନଂ. ବୁଥରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କୁମ୍ଭାରମାଟି ଗ୍ରାମର ୮ ନଂ. ବୁଥରେ ଗମନାଗମନ ସୁବିଧା ନ ଥିବାରୁ ସେଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଅଞ୍ଚଳରେ ସମସ୍ତ ପୋଲିଂ ପାର୍ଟି ପହଞ୍ଚିବା ପରେ ପାଲଲହଡ଼ା ପୋଲିସ ଏବଂ ସିଆରପିଏଫ ଯବାନମାନଙ୍କ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନାକୁ ପ୍ରାଥମିକତା ଦିଆଯାଉଥିବା ପାଲଲହଡ଼ା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ସୂଚନା ଦେଇଛନ୍ତି। ପାଲଲହଡ଼ା ଟାଉନରେ ମଧ୍ୟ ସନ୍ଧ୍ୟାରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା।

---

# ମିଳିଲାନି ଚିରିକୁଟ୍, ବଢ଼ିଲା ଅସନ୍ତୋଷ

**ଢେଙ୍କାନାଳ ଅଫିସ, ୨୨।୪**



ଭୋଟରମାନେ ସୁବିଧା ଏବଂ ଶୃଙ୍ଖଳିତ ଭାବେ ମତଦାନ ଲାଗି ପ୍ରଶାସନ ପକ୍ଷରୁ ଚିରିକୁଟ୍ ବାଣ୍ଟିବା ବ୍ୟବସ୍ଥା ରହିଛି। ତେବେ ସୋମବାର ରାତିସୁଦ୍ଧା ଢେଙ୍କାନାଳ ପୌରାଞ୍ଚଳରେ ଅଧିକାଂଶ ୱାର୍ଡରେ ମତଦାତାମାନେ ଚିରିକୁଟ୍ ପାଇ ନ ଥିବା ଅଭିଯୋଗ କରିଛନ୍ତି। କେବଳ ହାତଗଣତି ସ୍ଥାନରେ ରାଜନୈତିକ ଦଳ ପକ୍ଷରୁ ଏହା ବଣ୍ଟାଯାଇଛି। ଭୋଟରମାନେ ସେମାନଙ୍କ କ୍ରମିକ ସଂଖ୍ୟା ଜାଣି ନ ଥିବାବେଳେ ମଙ୍ଗଳବାର ବୁଥ୍‌ରେ ହଇରାଣ ହେବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଚିରିକୁଟରେ ବୁଥ୍ ନମ୍ବର, କ୍ରମିକ ସଂଖ୍ୟା, ଭୋଟଗ୍ରହଣ କେନ୍ଦ୍ର ସମ୍ପର୍କରେ ସୂଚନା ରହିଥାଏ। ମତଦାନବେଳେ ଏହା ଭୋଟରଙ୍କୁ ସହାୟକ ହୋଇଥାଏ। ତେବେ ଅଦ୍ୟାବଧି ଚିରକୁଟ ମିଳି ନ ଥିବାରୁ ଅନ୍ୟମାନଙ୍କ ସହାୟତା ନେବାକୁ ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ୩ନଂ. ୱାର୍ଡ ଅଧୀନ କୁଞ୍ଜକାନ୍ତ ଲଳିତ ନଗର ଅଞ୍ଚଳର ସୌଦାମିନୀ ରାଉତ ଏବଂ ସବିତା ତ୍ରିପାଠୀ କୁହନ୍ତି, ବର୍ତ୍ତମାନ ସୁଦ୍ଧା କେହି ଚିରିକୁଟ ଦେଇନାହାନ୍ତି। କ୍ରମିକ ନମ୍ବର ମଧ୍ୟ ଜାଣିନାହୁଁ । ଦକ୍ଷିଣକାଳୀ ରୋଡ୍ ଅଞ୍ଚଳର ଯୁବ ଭୋଟର ଗୀତାଞ୍ଜଳି ବାରିକ, ହାଉସିଂବୋର୍ଡ ଅଞ୍ଚଳର ପ୍ରେମାନନ୍ଦ ଶତପଥୀ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି ଯେ, ଅଞ୍ଚଳର ବହୁ ଭୋଟର ଚିରିକୁଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଭୋଟଦାନ ସମ୍ପର୍କିତ କୌଣସି ସୂଚନା ସେମାନଙ୍କ ନିକଟରେ ନାହିଁ। ବିଶିଷ୍ଟ ସ୍ତମ୍ଭକାର ତଥା ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କୁହନ୍ତି, ସେ ଜଣେ ଦିବ୍ୟାଙ୍ଗ। ପୂର୍ବରୁ ନିର୍ବାଚନ ଆଗରୁ ଚିରିକୁଟ୍ ଦିଆଯାଉଥିଲା। ପ୍ରଶାସନ ଏବଂ ପୌରସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ଏପରି ଅବ୍ୟବସ୍ଥା ହୋଇଛି। ଏଥିପାଇଁ ବରିଷ୍ଠ ନାଗରିକଙ୍କ ସମେତ ଅନେକଙ୍କୁ ହଇରାଣ ହେବାକୁ ପଡ଼ିବ। ଏ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ପୌରାଞ୍ଚଳରେ ଭୋଟରଙ୍କୁ ଚିରିକୁଟ ବାଣ୍ଟିବା ପାଇଁ ପୌର କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନେ ଏହି କାର୍ଯ୍ୟ କିପରି ସମ୍ପାଦନ କରିଛନ୍ତି ତାହା ପଚରାଯିବ ବୋଲି ସେ କହିଥିଲେ। ପୌରନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, କେତେକ ଅଞ୍ଚଳରେ ଚିରିକୁଟ୍ ବଣ୍ଟାଯାଇଛି। ଅନ୍ୟକେତେକ ସ୍ଥାନରେ ବଣ୍ଟା ହୋଇ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ମତଦାନରେ କୌଣସି ସମସ୍ୟା ହେବନାହିଁ। ଭୋଟଗ୍ରହଣ କେନ୍ଦ୍ରରେ ହେଲ୍ପ ଡେସ୍କ ଖୋଲାଯାଇଛି । ସେଠାରେ ଭୋଟରଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ମୃତ

**ତାଳଚେର,୨୨।୪(ନି.ପ୍ର.)**

ତାଳଚେରସ୍ଥିତ ହାଟତୋଟା ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ମରାମତି କାମ କରୁଥିବା ବେଳେ ଏନଜେନରେ କାର୍ଯ୍ୟରତ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଅର୍ଜିତ ସାହୁ। ଘର ରାସୋଳ ଥାନା କଳିଙ୍ଗପାଳରେ। ରବିବାର ହାଟତୋଟା ରାସ୍ତାରେ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିବାରୁ ଅର୍ଜିତ ଏକ ଏଲ୍‌ଟି ଲାଇନରେ ଚଢି ଏହାର ମରାମତି କରୁଥିଲେ। ହଠାତ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ସେ ଆଘାତ ପାଇ ଖସି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଏନଜେନ ଅଧିକାରୀମାନେ ମୃତଦେହ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ନେଇ ଯାଇଥିଲେ। ତାଳଚେର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଅନେକ ଶ୍ରମିକଙ୍କ ପ୍ରାଣହାନି ଘଟୁଛି ବୋଲି ଅଭିଯୋଗ ହେଉଛି।






■ଅନୁଗୋଳରେ କାଳବୈଶାଖୀ

# ଗଛ ଭାଙ୍ଗି ରାସ୍ତା ବନ୍ଦ, ବିଦ୍ୟୁତ୍ ସେବା ବିଚ୍ଛିନ୍ନ

**ଅନୁଗୋଳ ଅଫିସ, ୨୨।୪**



ଅନୁଗୋଳରେ ସୋମବାର ଅପରାହ୍ଣରେ କାଳବୈଶାଖୀ ଯୋଗୁ ଲୋକଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବହୁ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା। ସକାଳେ ଚିକ୍‌ଚିକ୍ ଖରା ଥିଲେ ବି ଅପରାହ୍ଣରେ ଆକାଶ ହଠାତ୍ ମେଘାଚ୍ଛନ୍ନ ହୋଇଯାଇଥିଲା। ଏହାପରେ ଜୋରଦାର ପବନ ସାଙ୍ଗକୁ ୧ ଘଣ୍ଟା ଧରି ବର୍ଷା ଚାଲିଥିଲା। ଫଳରେ ସହର ଓ ସହର ଉପକଣ୍ଠର ବିଭିନ୍ନ ସ୍ଥାନରେ ବହୁ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ଏଥିଯୋଗୁ ଯାତାୟାତ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। ସେହିପରି ବିଦ୍ୟୁତ୍ ସରବରାହ ମଧ୍ୟ ବନ୍ଦ ରହିଥିଲା। ତେବେ ବର୍ଷା ଛାଡ଼ିବା ପରେ ରାସ୍ତାରୁ ଗଛ ଡାଳ ସଫା କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଏନ୍‌ଟିପିସି ସୁଇମିଂ ପୁଲ୍‌ରେ ବୁଡ଼ି ଶିଶୁ ମୃତ

**କଣିହାଁ, ୨୨।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ପ୍ରକଳ୍ପର ମହାନଦୀ କ୍ଲବରେ ଥିବା ସୁଇମିଂ ପୁଲ୍‌ରେ ବୁଡ଼ି ସୋମବାର ଜଣେ ୫ ବର୍ଷର ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତା ଶିଶୁ ମହାନଦୀ କ୍ଲବରେ କେୟାର ଟେକର ଭାବେ କାମ କରୁଥିବା ରଞ୍ଜନ ସାମଲଙ୍କ ଝିଅ ସ୍ୱାଗତିକା ସାମଲ। ପୋଲିସ ସୂଚନା ମୁତାବକ, ଶିଶୁଟି ପରିବାର ଲୋକଙ୍କ ସହ କ୍ଲବକୁ ବୁଲିବାକୁ ଯାଇଥିବାବେଳେ ଅସାବଧାନତା ବଶତଃ ସେଠାରେ ଥିବା ସୁଇମିଂ ପୁଲ୍‌ରେ ବୁଡ଼ି ଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଏନ୍‌ଟିପିସି ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ କହିଥିଲେ, ଅପରାହ୍ଣ ପ୍ରାୟ ୧ଟାରେ ଘଟଣା ଘଟିଛି। ଏ ସଂକ୍ରାନ୍ତରେ ନଂ. ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ମୃତଦେହ ପଠାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

## ଆସିଲାନି ୧୦୮ ଆମ୍ବୁଲାନ୍ସ

# ଦେଢ଼ଘଣ୍ଟା ପଡ଼ି ରହିଲେ ଦୁର୍ଘଟଣାଗ୍ରସ୍ତ

**ଅନୁଗୋଳ ଅଫିସ, ୨୨।୪**

ଦୁର୍ଘଟଣାର ଦେଢ଼ଘଣ୍ଟା ପରେ ବି ୧୦୮ ଆମ୍ବୁଲାନ୍ସ ପହଞ୍ଚିପାରିଲାନି। ଫଳରେ ଗୁରୁତର ଦୁଇ ଯୁବକଙ୍କୁ ପରିବାର ଲୋକେ ଘରୋଇ ଗାଡ଼ିରେ ମେଡିକାଲରେ ପହଞ୍ଚାଇଥିଲେ। ହେଲେ ସେତେବେଳକୁ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ପଠାଇ ଦେଇଥିଲେ ଡାକ୍ତର। କେବଳ ଏହି ଗୋଟିଏ ଘଟଣା ନୁହେଁ, ସୋମବାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା କେତେଜଣ ଆହତଙ୍କ ସମ୍ପର୍କୀୟମାନେ ମଧ୍ୟ ଏପରି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଅନୁଗୋଳ ଉପକଣ୍ଠ ସାନକେରଜାଙ୍ଗ ଅଞ୍ଚଳର ତରୁଣ ନାଏକଙ୍କ ପୁଅ ତୋଫାନ ନାଏକ(୧୫) ଓ ପ୍ରକାଶ ନାଏକଙ୍କ ପୁଅ କାଳିଆ ନାଏକ(୧୦) ଏକ ବାଇକ୍‌ରେ ମାର୍କେଟ ଯାଉଥିଲେ। ତେବେ ଗାଁ ମୁଣ୍ଡରେ ଥିବା ଏକ ଗଛ ନିକଟରେ ଦୁହେଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗାଁ ଲୋକେ ସେମାନଙ୍କ ଘରକୁ ଖବର ଦେବା ପରେ ୧୦୮କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ୧୦୮ ପହଞ୍ଚି ନ ଥିଲା। ଫଳରେ ପରିବାର ଲୋକେ ତୋଫାନଙ୍କୁ ଏକ କାର୍‌ରେ ଓ କାଳିଆଙ୍କୁ ଏକ ଘରୋଇ କମ୍ପାନୀରୁ ଫେରୁଥିବା ଜଣେ କର୍ମଚାରୀ ତାଙ୍କ ଗାଡ଼ିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତୋଫାନଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର କାଳିଆଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଏ ନେଇ ୧୦୮ କ୍ଲଷ୍ଟର ଲିଡର ତ୍ରିନାଥ ବିଶ୍ୱାଳ କହିଛନ୍ତି, ବିଭିନ୍ନ ରୋଗୀଙ୍କୁ ଧରି ସୋମବାର ୧୦୮ ଆମ୍ବୁଲାନ୍ସ କଟକ ବଡ଼ ମେଡ଼ିକାଲ ଯାଇଥିଲା। ଥରେ ଗାଡ଼ି ଗଲେ ଫେରିବାକୁ ୮ରୁ ୯ ଘଣ୍ଟା ଲାଗିଯାଉଛି। ତେଣୁ ଏପରି ସମସ୍ୟା ଉପୁଜିଥାଇ ପାରେ ବୋଲି ସେ କହିଛନ୍ତି।









## ଅବକାରୀ ଚଢ଼ାଉ, ଜଣେ ଗିରଫ

**ବଇଣ୍ଡା,୨୨।୪ (ଡି.ଏନ.ଏ.)**

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର ଆଠମଲ୍ଲିକ ଥାନା ସୋରିଷପଙ୍କ ଗ୍ରାମରେ ଚଢ଼ାଉ କରାଯାଇ ସିଦ୍ଧେଶ୍ୱର ପ୍ରଧାନଙ୍କ ଘରୁ ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହିତ ତାଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ଇନ୍ସପେକ୍ଟର ସୁମତି ତ୍ରିପାଠୀ ଓ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ପ୍ରମୁଖ ଚଢାଉ କରିଥିଲେ।

## କାର୍ ଧକ୍କାରେ ଟିପ୍ପର ଚାଳକ ମୃତ

**ବଁଅରପାଳ, ୨୨।୪(ଡି.ଏନ.ଏ.)**

୧୪୯ ନମ୍ବର ଜାତୀୟ ରାଜପଥର ବଁଅରପାଳ ଥାନା ଗୋତମରାଠାରେ ଏକ କାର୍ ଧକ୍କାରେ ବଂଶୀଧର ବେହେରା(୩୪) ନାମକ ଜଣେ ଟିପ୍ପର ଚାଳକଙ୍କ ସୋମବାର ମୃତ୍ୟୁ ହୋଇଛି। ବଂଶୀଧରଙ୍କ ଘର ଅନୁଗୋଳ ଥାନା ବେଣାଗାଡିଆ ଗ୍ରାମରେ। ସେ ପୂର୍ବାହ୍ନରେ ଗୋତମରାଠାରେ ଏକ ହୋଟେଲ ନିକଟରେ ଟିପ୍ପର ରଖି ଟାୟାର ମରାମତି ଦୋକାନକୁ ଯାଇଥିଲେ। ସେଠାରେ ସେ ବସିଥିବାବେଳେ ବଁଅରପାଳରୁ ତାଳଚେର ଆଡକୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ